ଆରବିଆଇ/୨୦୦୬-୦୭/୧୩୯
ଡିବିଓଡି. ନଂ .ଏଲଜି.ବିସି.୩୨/୦୯.୦୭.୦୦୫/୨୦୦୬-୦୭

ଅକ୍ଟୋବର ୪, ୨୦୦୬

ପ୍ରାପ୍ତି
**ସମସ୍ତ ଅନୁସୂଚିତ ବ୍ୟାବସାୟିକ ବ୍ୟାଙ୍କ**
(ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ ବ୍ୟତୀତ)

ମହାଶୟ,

**ଗ୍ରାହକ ସେବା-ବ୍ୟାଙ୍କରେ ସଂଚୟ ଆକାଉଣ୍ଟଧାରୀ (ବ୍ୟକ୍ତି ବିଶେଷ) ମାନଙ୍କୁ ପାସ୍ ବୁକ୍ ଇସ୍ୟୁ କରାନଯିବା**

ଆମେ ବରିଷ୍ଠ ନାଗରିକ ସଂଘ ସହିତ ଅନ୍ୟାନ୍ୟ ଗ୍ରାହକମାନଙ୍କ ଠାରୁ ଅଭିଯୋଗ ପାଇଆସୁଛୁ ଯେ ସଂଚୟ ବ୍ୟାଙ୍କ ଆକାଉଣ୍ଟଧାରୀ (ବ୍ୟକ୍ତିବିଶେଷ)ଙ୍କୁ ପାସବୁକ୍ ଇସ୍ୟୁ କରିବା ବହୁ ବ୍ୟାଙ୍କ ବନ୍ଦ କରିଦେଇଛନ୍ତି। ଅଭିଯୋଗରେ ଏହା ମଧ୍ୟ ଦର୍ଶାଯାଉଛି ଯେ ବ୍ୟାଙ୍କମାନଙ୍କ ଦ୍ୱାରା ପାସ୍ ବୁକ୍ ପ୍ରଣାଳୀକୁ ବନ୍ଦ କରାଯିବା ଏକ ତରଫା ନିଷ୍ପତ୍ତି ବ୍ୟାଙ୍କ ମାନଙ୍କ ଦ୍ୱାରା ନିଆଯିବା ଯୋଗୁ ଆକାଉଣ୍ଟଧାରୀମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଆମ ଦୃଷ୍ଟିକୁ ଏହା ମଧ୍ୟ ଆସିଛି ଯେ ସର୍କୁଲାର ଏପ୍ରିଲ୍ ୧୦, ୨୦୦୪ର ଡିବିଓଡି, ନଂ. ଏଲଇଜି.ବିସି ୭୪/୦୯.୦୭.୦୦୫/୨୦୦୪-୨୦୦୫ରେ ନିର୍ଦ୍ଧାରିତ ହୋଇଥିବା ମାସିକ ବ୍ୟବଧାନ ବଦଳରେ ବ୍ୟାଙ୍କମାନେ ସଂଚୟ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ ତ୍ରୈମାସିକ ବ୍ୟବଧାନରେ ଆକାଉଣ୍ଟର ବିବରଣୀ ପ୍ରଦାନ କରୁଛନ୍ତି।

୨. ଏହି ପ୍ରସଙ୍ଗରେ, ଏହା ମଧ୍ୟ ଦର୍ଶାଯିବା ଆବଶ୍ୟକ ଯେ କାରବାରର ହିସାବ ପାଇଁ ଲଘୁ ଗ୍ରାହକଙ୍କ ନିମନ୍ତେ ଆକାଉଣ୍ଟର ବିବରଣୀ ଅପେକ୍ଷା ପାସବୁକ୍ ହେଉଛି ଅଧିକ ସୁବିଧାଜନକ। ଆକାଉଣ୍ଟର ବିବରଣୀ ବ୍ୟବହାର କରାଯିବାରେ କେତେକ ସମସ୍ୟା ରହିଛି ଯେପରି -

a) ଏହାକୁ ନିୟମିତ ଭାବେ ଫାଇଲ କରିବାକୁ ପଡିଥାଏ
b) ଓପନିଂ ବାଲାନ୍ସକୁ ପୂର୍ବ ଷ୍ଟେଟମେଣ୍ଟର କ୍ଲୋଜିଂ ବାଲାନ୍ସ ସହ ମିଳାଇବାକୁ ପଡିଥାଏ
c) ଡାକ ପରିବହନରେ ଆକାଉଣ୍ଟର ବିବରଣୀ ହଜିଯିବା ଅସାଧାରଣ କଥା ନୁହେଁ ଏବଂ ଏହାର ନକଲ ହାସଲ କରିବା ପାଇଁ ଅଧିକ ଖର୍ଚ୍ଚାନ୍ତ ତଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ
d) କାରବାରର ସଂପୂର୍ଣ୍ଣ ରେକର୍ଡ ଉପଲବ୍ଧ ନ ହୋଇପାରୁଥିବାରୁ ଏଟିଏମ୍ ସ୍ଲିପ୍ ଦୁଇଟି ବିବରଣୀ ମଧ୍ୟସ୍ଥ ସମୟରେ ସନ୍ତୋଷଜନକ ସମାଧାନ ପ୍ରଦାନ କରି ନଥାଏ।
e) ବହୁ ଲଘୁ ଗ୍ରାହକ ରହିଛନ୍ତି ଯେଉଁ ମାନଙ୍କ ନିକଟରେ କଂପ୍ୟୁଟର /ଇଣ୍ଟରନେଟ୍ ଇତ୍ୟାଦିର ଉପଲବ୍ଧତା ନାହିଁ। ତେଣୁ ଲଘୁ ଗ୍ରାହକମାନଙ୍କୁ ପାସ୍ ବୁକ୍ ଇସ୍ୟୁ ନକରାଯିବା ଦ୍ୱାରା ସେମାନେ ପରୋକ୍ଷ ଭାବେ ଆର୍ଥିକ କ୍ଷତି ସହିଥାନ୍ତି।

୩. ତେଣୁ ବ୍ୟାଙ୍କମାନଙ୍କୁ ଏହା ପରାମର୍ଶ ଦିଆଯାଉଛି ଯେ ସେମାନେ ସେମାନଙ୍କ ପ୍ରତ୍ୟେକେ ସଂଚୟ ବ୍ୟାଙ୍କ ଆକାଉଣ୍ଟଧାରୀ (ବ୍ୟକ୍ତିବିଶେଷ)ମାନଙ୍କୁ ପାସବୁକ୍ ନିଶ୍ଚିତ ପ୍ରଦାନ କରିବେ ଏବଂ ଯଦି କୌଣସି କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ବିବରଣୀର ସୁବିଧା ଯୋଗାଉଥାନ୍ତି ଏବଂ ଯଦି ଗ୍ରାହକ ଏହା ପାଇବା ପାଇଁ ପସନ୍ଦ କରନ୍ତି, ତେବେ ଏପ୍ରିଲ ୧୦, ୨୦୦୪ର ସର୍କୁଲାର ଡିବିଓଡି. ନଂ. ଏଲଇଜି.ବିସି ୭୪/ ୦୯.୦୭.୦୦୫/ ୨୦୦୫-୦୫ ର ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟାଙ୍କମାନେ ଆକାଉଣ୍ଟର ମାସିକ ବିବରଣୀ ନିଶ୍ଚିତ ଭାବେ ଇସ୍ୟୁ କରିବେ। ଏହି ପାସ୍ ବୁକ୍ କିମ୍ବା ବିବରଣୀ ଯୋଗାଇବା ପାଇଁ ଲାଗୁଥିବା ଖର୍ଚ୍ଚକୁ ଗ୍ରାହକମାନଙ୍କ ଠାରୁ ଆଦାୟ କରାଯିବା ଉଚିତ ନୁହେଁ।

୪. ଦୟାକରି ପ୍ରାପ୍ତି ସ୍ୱୀକାର ପତ୍ର ପ୍ରେରଣ କରନ୍ତୁ।

ଆପଣଙ୍କ ବିଶ୍ୱସ୍ତ

(ପ୍ରଶାନ୍ତ ସରଣ)
ଭାରପ୍ରାପ୍ତ ମୁଖ୍ୟ ସାଧାରଣ ପରିଚାଳକ